ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
ଢେଙ୍କାନାଳ
e-mail : dkl.dipro@gmail.com
Tel. No. - (06762) 224414

ପତ୍ର ସଂଖ୍ୟା ---୨୦୪-----/ସୂ.ଲୋ.ସ	ତା.୨୫/୧୦/୨୦୨୦

ଜିଲ୍ଲାର କରୋନା ପରିସ୍ଥିତି ସଂପର୍କରେ ଜିଲ୍ଲାପାଳଙ୍କ ସମୀକ୍ଷା ।

ଢେଙ୍କାନାଳ,

ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଓସ୍ୱାନ ଭିଡିଓ କନଫେରେନ୍ସିଂ ହଲରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ, ବି.ଡି.ଓ., ତହସିଲଦାର, ପୌରାଞ୍ଚଳ ଏବଂ ବିଜ୍ଞାପିତ ଅଂଚଳର ନିର୍ବାହୀ ଅଧିକାରୀ ଓ ସି.ଡି.ଏମ.ଓ. ମାନଙ୍କ ସହିତ ଜିଲ୍ଲାର କରୋନା ପରିସ୍ଥିତି ସଂପର୍କରେ ଭିନ୍ନ ଦିଗରେ ଆଲୋଚନା କରି ସମୀକ୍ଷା କରିଛନ୍ତି ।

କରୋନା ରୋଗ ସଂକ୍ରମଣକୁ ଦୂର କରିବା ପାଇଁ ସମୀକ୍ଷା ସମୟରେ, ଆକ୍ରାନ୍ତଙ୍କ ଚିକିତ୍ସା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ସେଥିପାଇଁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ — ସପ୍ତାହକୁ ଥରେ ଏବଂ ଆବଶ୍ୟକ ହେଲେ ୨ ଥର ମୋବାଇଲ ଟେଷ୍ଟ ସେଣ୍ଟରରେ ଅଧିକରୁ ଅଧିକ ଆଣ୍ଟିଜେନ ଟେଷ୍ଟ କରାଯିବ । ବିଭିନ୍ନ କାର୍ଯ୍ୟାଳୟକୁ ଜନ ସାଧାରଣ ଆସୁଥିବାରୁ କାର୍ଯ୍ୟାଳୟ ଗୁଡ଼ିକରେ ଅଧିକ ସତର୍କତା ଓ ସ୍ୱାସ୍ଥ୍ୟ ସଚେତନ ହେବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯିବା ସହିତ ସମସ୍ତ କର୍ମଚାରୀ-ମାନଙ୍କ ଆଣ୍ଟିଜେନ ଟେଷ୍ଟ ଓ ଆର ଟି ପି ସି ଆର ଟେଷ୍ଟ କରାଇବାକୁ ପରାମର୍ଶ ଦିଆଯାଇଛି । ଚିହ୍ନଟ କରୋନା ପଜିଟିଭମାନଙ୍କୁ ମେଡିକାଲ ମେଡିସିନ କିଟ୍ ପ୍ରଦାନ କରାଯିବା ସହ ହେଲଥ ଟିମ୍ ମାଧ୍ୟମରେ ଆକ୍ରାନ୍ତ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସଂପର୍କରେ ତଥ୍ୟ ସଂଗ୍ରହ କରାଯିବ । ପ୍ରତ୍ୟେକ ଅଂଚଳରେ ଅଙ୍ଗନୱାଡି କର୍ମୀ, ସୁପରଭାଇଜର ମାନେ ଘରକୁ ଘର ବୁଲି

→

ସମସ୍ତଙ୍କର ସ୍ୱାସ୍ଥ୍ୟଗତ ତଥ୍ୟ ସଂଗ୍ରହ କରି ସଂପୃକ୍ତ ସି.ଡି.ପି.ଓ. ଏବଂ ଡି.ଏସ୍.ଡବ୍ଲ୍ୟୁ.ଓ. ଙ୍କୁ ରିପୋର୍ଟ ପ୍ରଦାନ କରିବେ । ଲକ୍ଷ୍ମୀପୂଜା ଓ ଅନ୍ୟ ପାର୍ବଣ ସମୟରେ ଜନ ସମାଗମ ଅଧିକ ହେବାରୁ ସମ୍ଭାବନା ଓ ଶୀତ ଋତୁରେ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କା ଥିବାବେଳେ ସଂପୃକ୍ତ ଅଞ୍ଚଳର ଉପ-ଜିଲ୍ଲାପାଳ, ବି.ଡି.ଓ., ପୋଲିସ ଅଧିକାରୀ, ତହସିଲଦାର, ନିର୍ବାହୀ ଅଧିକାରୀ ମିଳିତ ଭାବେ ସାମାଜିକ ଦୂରତା ଅନୁପାଳନ, ମାସ୍କ ପରିଧାନକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଏବଂ ଏହାର ଅବମାନନା ସ୍ଥଳେ ଜୋରିମାନା ଆଦାୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ତାପରେ ବେସରକାରୀ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ କିଭଳି ଅଧିକରୁ ଅଧିକ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ସଂପୃକ୍ତ ଅଞ୍ଚଳର ଉପ-ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

ଶେଷରେ ବିଭିନ୍ନ ବିଭାଗରେ ପଡ଼ି ରହିଥିବା ଇ-ଅଭିଯୋଗଗୁଡ଼ିକର ଯଥା ଶୀଘ୍ର ସମାଧାନ କରି ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବା ପାଇଁ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ କହିଥିଲେ ।

ଏହି ସମୀକ୍ଷା ବୈଠକ ପ୍ରାରମ୍ଭରେ ଭୁବନ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ଆକସ୍ମିକ ବିୟୋଗ ପାଇଁ ତାଙ୍କର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

ଏହି ଭିଡିଓ କନଫରେନସିଂ ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୌଦାମିନୀ ସେଠୀ, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନାରାୟଣ ବେହେରା, ସି.ଡି.ଏମ.ଓ. ଶ୍ରୀମତୀ ସୁଜାତା ରାଣୀ ମିଶ୍ର, ପୌର ନିର୍ବାହୀ ଅଧିକାରୀ ଶ୍ରୀ ଅନନ୍ତ କୁମାର ସାମନ୍ତ, ସଦର ତହସିଲଦାର ଶ୍ରୀ ଲକ୍ଷ୍ମୀଧର ରାଉତ, ଡେପୁଟି କଲେକ୍ଟର ଶ୍ରୀ ଶୀତାଂଶୁ ଶେଖର ଦାସ, ଆବାସ ଯୋଜନା ଅଧିକାରୀ ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସୁଧାଂଶୁ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

—x—

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

୨୮/୧୦/୨୦୨୦

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ